## ଥାନା ଅଧିକାରିଣୀଙ୍କ ହସ୍ତକ୍ଷେପରେ ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ

**ଚଣ୍ଡିଖୋଲ(ଅମୃତ ମିଡିଆ):** ବୈରୀ ଥାନା ଅଧିକାରିଣୀ ଅଂଶୁମାଳା ଦାସଙ୍କ ହସ୍ତକ୍ଷେପ ପାଇଁ ପ୍ରେମୀଯୁଗଳ ଙ୍କ ବିବାହ ସମ୍ପନ୍ନ ହୋଇଛି । ଯାହାକି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପା ପୁର ପଞ୍ଚାୟତ ର ସପନପୁର ଗ୍ରାମ ର ରବିନ୍ଦ୍ର ସାମଲ ଙ୍କ ଝିଅ ବିନୀତା ସାମଲ (୩୨) ବର୍ଷ ଭୁବନେଶ୍ୱର ର ବଡଗଡ ବିଟ୍ କଲୋନୀର ଦୀବେନ୍ଦୁ ନାୟକଙ୍କ ମଧ୍ୟରେ ଫେସ୍ ବୁକ୍ ରେ ସମ୍ପର୍କ ସ୍ଥାପନ ହୋଇଥିଲା ପରେ ଏହା ପ୍ରେମ ରେ ପରିଣତ ହୋଇ ଯାଇଥିଲା । ବିବାହ ର ପ୍ରତିଶ୍ରୁତି ଦେଇ ପୁଅ ମଧ୍ୟ ଝିଅ ଘର କୁ ଯିବା ଆସିବା କରିଥିଲା । ହେଲେ



ପୁଅର ବିବାହ ଅନ୍ୟତ୍ର ଠିକ୍ ହୋଇଯାଇଥିବା ଖବର ଝିଅ ଜାଣିପାରି ବିଷ ପିଇ ଦେଇଥିଲେ ପରିବାର ଲୋକେ ମେଡିକାଲ ନେବା ପରେ ପୋଲିସ କୁ ଖବର ଦେଇଥିଲେ । ଝିଅ ସୁସ୍ଥ ହେବା ପରେ ମଙ୍ଗଳବାର ବୈରୀ ଥାନା ଅଧିକାରୀଣୀ ଅଂଶୁମାଳା ଦାସ ଉଭୟ ପକ୍ଷଙ୍କୁ ଥାନା କୁ ଡକାଇ ବୁଝାଶୁଝା କରିବା ପରେ ଛତିଆ ଅମରାବତୀ ମଠ ରେ ମଙ୍ଗଳବାର ସନ୍ଧ୍ୟା ରେ ସ୍ଥାନୀୟ ପୋଲିସ ଓ ଛତିଆ ସମିତ ସଭ୍ୟ ଓ କିଛି ବୁଦ୍ଧିଜୀବୀ ଙ୍କ ଉପସ୍ଥିତିରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା । ଥାନା ଅଧିକାରୀଣୀଙ୍କ ଏଭଳି ପ୍ରଶଂଶନୀୟ କାର୍ଯ୍ୟରେ ଅଞ୍ଚଳର ବାସୀ ସାଧୁବାଦ ଜଣାଇଥିଲେ ।

### ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବୈଠକ

## ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବାକୁ ଦାବି

■ ମୁଣ୍ଡାରୀ ବାର୍ଷିକ ପରୀକ୍ଷାର ସାର୍ଟିଫିକେଟ ବଣ୍ଟନ

**ବାରିପଦା(ଅମୃତ ମିଡିଆ):** ଶ୍ୟାମାଖୁଣ୍ଟା ଅଞ୍ଚଳରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଉପଦେଷ୍ଟା ତଥା ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ଶଶିଧର ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ ପ୍ରମୁଖ ବୈଠକରେ ଯୋଗଦେଇ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଗ୍ରାମଗୁଡିକରେ ଭାଷା



ଆନ୍ଦୋଳନକୁ ବ୍ୟାପକ କରା ଯିବା ସହିତ ଏହି ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ଦାବି ନେଇ ଦିଲ୍ଲୀ ଜନ୍ତର ମନ୍ତର ରେ ଧାରଣା ଦେବା ଏବଂ ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ସାକ୍ଷାତ କରା ଯିବାର ଯୋଜନା ରହିଛି ବୋଲି କହିଥିଲେ । ଏଥିସହିତ ପ୍ରତି ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଥିବା ବିଦ୍ୟାଳୟରେ ଆବାଳ ବୃଦ୍ଧବନିତା ସମସ୍ତଙ୍କ ପାଇଁ ଶିକ୍ଷା ଗ୍ରହଣର ସୁବିଧା କରାଯିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟ ଗୁଡ଼ିକରେ ଗତ ଜୁନ୍ ୮ ତାରିଖରେ ମୁଣ୍ଡାରୀ ଭାଷାରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହାର ପରୀକ୍ଷା ଫଳ ନିକଟରେ ପ୍ରକାଶିତ ହୋଇଥିବା ବେଳେ ଚନ୍ଦନଚଉରି ମୁଣ୍ଡାରୀ ବିଦ୍ୟାଳୟ ଏବଂ ଭାଦୁଶୋଳ ମୁଣ୍ଡାରୀ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଛି ।

## ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପକ୍ଷରୁ ବୃକ୍ଷ ରୋପଣ

**ବାସୁଦେବପୁର(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦ ରେ ଥିବା କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଇଣ୍ଡିୟାନ ବ୍ୟାଙ୍କ ବାସୁଦେବପୁର ଶାଖା ପକ୍ଷରୁ ଭାରତର



ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ବାସୁଦେବପୁର ଶାଖାର ପରିଚାଳକ ପ୍ରହଲ୍ଲାଦ ପାଣିଗ୍ରାହୀ, ସହ ଶାଖା ପରିଚାଳକ ବିଭୁ ପ୍ରସାଦ ସାମନ୍ତ, କୋଷାଧକ୍ଷ ପ୍ରମୋଦ କୁମାର ସାହୁ, ଓ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ଉପସ୍ଥିତ ରହି ଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥଲେ ।

### ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

## ସମ୍ମାନିତ ହେଲେ ସଫଳ ଉଦ୍ୟୋଗୀ ସୁବାଷ ରାଉତ

**ଜୟପୁର(ଅମୃତ ମିଡିଆ):** ବିକ୍ରମଦ୍ୱେ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ସେମିନାର କକ୍ଷଠାରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଅଧକ୍ଷତା କରିଥିଲେ । କୁଳପତି ଦେବୀ ପ୍ରସାଦ ମିଶ୍ର ଜୟପୁରର ସଫଳ ଉଦ୍ୟୋଗୀ ତଥା ସମାଜସେବୀ ଏବଂ ବିକ୍ରମଦ୍ୱେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସୁବାଷ ରାଉତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । ସୁବାଷ ରାଉତ ଛାତ୍ରଛାତ୍ରୀଙ୍କୁ ତାଙ୍କ ସଫଳତାର କାହାଣୀ କହିବାବେଳେ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ । ସ୍କୁଲ ବେଳୁ କଠିନ ପରିଶ୍ରମ କରି ଚାହା ଦୋକାନରୁ କାମ ଆରମ୍ଭକରି ଉଦ୍ୟୋଗପତି ହୋଇଥିବା ସୁବାଷ ରାଉତ ଏବେ ପ୍ରତ୍ୟକ୍ଷ ଭାବେ ଚାରିଶହରୁ ଅଧିକା ଲୋକଙ୍କୁ ରୋଜଗାର




ଦେଇଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ବ, ପୂର୍ବୋତ୍ତର, ଦକ୍ଷିଣ ମଧ୍ୟ ଭାରତ କ୍ଷେତ୍ରର ସଂଗଠକ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ଦେଶରୁ ବେରୋଜଗାରି ସମାପ୍ତ କରିବାକୁ ହେଲେ ଉଦ୍ୟମିତା ମାଧ୍ୟମରେ ସ୍ୱ ରୋଜଗାର ସ୍ଥାପନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି କହିଥିଲେ । ରୋଜଗାର କହିଲେ ଯେ ଚାକିରୀ ମାନସିକତାକୁ ବଦଳାଇ ସ୍ୱରୋଜଗାର ଆଡକୁ ଅଗ୍ରସର ହେବାପାଇଁ ଆହ୍ୱାନ ଦେଇଥିଲେ । dont be a job seeker, be a job provider ବୋଲି କହିଥିଲେ । ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ବ୍ରତୀ ହେବାପାଇଁ ଶପଥ ପାଠ କରାଇଥିଲେ । ବିଶ୍ୱବିଦ୍ୟାଳୟ ପ୍ରବନ୍ଧକ ମହେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁନାଥପୁର ବ୍ଲକରେ ବ୍ୟାପକ ବୃକ୍ଷରୋପଣ

**ରଘୁନାଥପୁର(ଅମୃତ ମିଡିଆ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିବସ ଏବଂ ଏକ ପେଡ଼ ମାକେ ନାମ ଦ୍ୱିତୀୟ ସଂସ୍କରଣ ଅଭିଯାନ ଅନ୍ତର୍ଗତ ସାରା ଦେଶରେ ୧.୫ କୋଟି ଚାରା ରୋପଣ କରାଯିବାକୁ ଥିବା ବେଳେ ଓଡିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକକାଳୀନ ରେକର୍ଡ ସଂଖ୍ୟକ ୭୫ ଲକ୍ଷ ଚାରା ରୋପଣ କରି ଓଡିଶାକୁ ସବୁଜ,ସୁନ୍ଦର କରିବା ପାଇଁ ନିଷ୍ପତି ନେଇଛନ୍ତି, ଏହି ପରିପ୍ରେକ୍ଷୀରେ ଆଜି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜେପି ନେତା ରାଜକିଶୋର ବେହେରାଙ୍କ ସମେତ ଜିଲ୍ଲା ସମ୍ପାଦକ ସୁବାଷ ଜେନା, ମଣ୍ଡଳ ସଭାପତି ସ୍ୱରାଜ ସାମଲ, ସରୋଜକାନ୍ତ ସ୍ୱାଇଁ ପ୍ରମୁଖ ବର୍ତ୍ତି ସ୍ଥିତ ସ୍ୱାମୀ ଅରୁପାନନ୍ଦ ମହାବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରିଛନ୍ତି । ସେହିପରି ଗୁଆଳିପୁର ସରପଂଚ ମନୋଜୀନି ସାହୁଙ୍କ ନେତୃତ୍ୱରେ ହରେକୃଷ୍ଣ ପ୍ରାଥମିକ ବିଦ୍ୟାଳୟ ପରିସରରେ,ତଅଁରା ସରପଂଚ ବଟକୃଷ୍ଣ ନାୟକଙ୍କ ନେତୃତ୍ୱରେ ଜୟପ୍ରକାଶ ଶିକ୍ଷା ନିକେତନ ପରିସର,ରେଢୁକା ସରପଂଚ କିଶୋର ବେହେରାଙ୍କ ନେତୃତ୍ୱରେ ବୃନ୍ଦାବନଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସର,



ରଘୁନାଥପୁର ସରପଂଚ ସୁଚିତ୍ରା ପଣ୍ଡାଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସର, ଜଗନ୍ନାଥପୁର ସରପଂଚ ଜଗବନ୍ଧୁ ମଲ୍ଲିକଙ୍କ ନେତୃତ୍ୱରେ ବିରାଟ କଟକ ଏଏନଏମ ସେଣ୍ଟର ପରିସର, ଧରାଧରପୁର ସରପଂଚ ନଳୀନିପ୍ରଭା ମୁଦୁଲିଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ଓ ବେଲ ବିହାରି ମଠ ପରିସର, ବିଦ୍ୟାଧରପୁର ସରପଂଚ ସାହେଦା ତବସୁମାଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରା ଯାଇଥିବା ଜଣାଯାଇଛି । ଏଥି ସହିତ ରଘୁନାଥପୁର ବ୍ଲକର ସମସ୍ତ ପଞ୍ଚାୟତରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରା ଯାଇଥିବା ବେଳେ ବ୍ଲକର ବିଡିଓ ବିରେଞ୍ଚି ନାରାୟଣ ବେହେରାଙ୍କ ସହିତ ସହକାରୀ ଯନ୍ତ୍ରୀ ପ୍ରତ୍ୟେକଟି ସ୍ଥାନକୁ ତଦାରଖ କରିଥିଲେ ।

## ଏନସିସି ଅଲ୍ ଇଣ୍ଡିଆ ସ୍ଥଳସେନା କ୍ୟାମ୍ପରେ ଭାଗ ନେଲେ ୩ ମହିଳା

**ଜୟପୁର(ଅମୃତ ମିଡିଆ):** ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ୩ ଜଣ ମହିଳା ଏନିସିସି କ୍ୟାଡେଟ ଅଲ ଇଣ୍ଡିଆ ସ୍ଥଳ ସେନା କ୍ୟାମ୍ପ ଭାଗ ନେବାର ସୁଯୋଗ ପାଇଥିଲେ । ଜେ.ୟୁ.ଓ ଶ୍ୱାତୀ ଜାନୀ , କ୍ୟାଡେଟ ନଗମା ନିଗର, ଏବଂ କ୍ୟାଡେଟ ଶକ୍ତି ଶ୍ରେୟା ପଟ୍ଟନାୟକ ତିନି ମାସ ପ୍ରି ଟ୍ରେନିଂ କ୍ୟାମ୍ପରେ କଠିନ ପରିଶ୍ରମ କରି ସର୍ବଶ୍ରେଷ୍ଠ ଭାବରେ ଚୟନ ହୋଇ ଅଲ ଇଣ୍ଡିଆ ସ୍ଥଳ ସେନା କ୍ୟାମ୍ପ ଦିଲ୍ଲୀରେ ଯୋଗ ଦେଇଥିଲେ । ଦଶ ଦିନ ଧରି ଦିଲ୍ଲୀରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।



## ଜିଲ୍ଲା ବିଜେପି ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ଜଗତସିଂହପୁର(ଅମୃତ ମିଡିଆ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଙ୍କ ୭୫ ତମ ଜନ୍ମ ଦିବସ ଅବସରରେ ମା'ପାଇଁ ଗଛ ଟିଏ ' କାର୍ଯ୍ୟକ୍ରମ ସ୍ଥାନୀୟ ମାର୍କଣ୍ଡପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସର୍ବାଙ୍ଗ ସୁନ୍ଦରୀ ପିଠ ପାଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଓ ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ପୌର ଉପକ୍ଷଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ମିଡ଼ିଆ ସେଲ ଅଧକ୍ଷ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ଉପ ସଭାପତି ସୌଭାଗ୍ୟ ମହାନ୍ତି ଓ କଳ୍ପନା ମହାନ୍ତି ସର୍ଜନ ସିଂହ, ସବିତା ସ୍ୱାଇଁ,ମଣ୍ଡଳ ସଭାପତି ବିନୋଦ ମହାନ୍ତି, ଚିତ୍ତ ରଞ୍ଜନ ପଣ୍ଡା, ତ୍ରଇ ଲୋକ ନାଥ ପଣ୍ଡା,ପବିତ୍ର ଜେନା, ଅନିରୁଦ୍ଧ ପତି, ପ୍ରଭୃତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇ ଥିଲକ୍ଷ ପରେ ବଉଳ ଓ ଅାଁ ଳା ଗଛ ଲଗାଯାଇଥିଲା ଗଛ ଗୁଡିକର ସୁରକ୍ଷା ପାଇଁ ଚକ୍ଷଅଁରକ୍ଷ ଦେଇ କଭର କରାଯାଇଥିଲା । ଆଜିର କାର୍ଯ୍ୟକ୍ରମ ରେ ମାର୍କଣ୍ଡପୁର ଗ୍ରାମର ମା ମାନେ ବାସନ୍ତୀ ପାତ୍ର, ଗୌରୀ ସାହୁ,ନିରୁପମା ମହାନ୍ତି, ବନିତା ମହାନ୍ତି, ହାରା ଦେଇ ପ୍ରଭୃତି ଉପସ୍ଥିତ ରହି ଗଛ ଗୁଡିକର ସୁରକ୍ଷା ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟ ରେ ନିହାର କାନ୍ତ ପତି,ପ୍ରିୟବ୍ରତ ମଲ୍ଲିକ୍, ପ୍ରଫୁଲ ଦାସ, ସୁକାନ୍ତ ପାତ୍ର,ରମେଶ ଚନ୍ଦ୍ର ସାହୁ, ବାସୁଦେବ ସାହୁ, କକ୍ଷଲିକିଂନକ ର ମହାନ୍ତି, ହେମନ୍ତ ପଳାଉରୀ, ଦେବେନ୍ଦ୍ର ତ୍ରିପାଠୀ,ଶ୍ରୀକାନ୍ତ ପଟ୍ଟନାୟକ, ଲିଙ୍ଗରାଜ ଲେଙ୍କା, ସମ୍ବିତ ଷଡ଼ଙ୍ଗୀ, ପ୍ରଭୃତି ସ୍ବୟଯୋଗ ଉପସ୍ଥିତ ଥିଲେ ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ, ଯୋଗଦେଲେ ବିଧାୟକ

**ବେଗୁନିଆପଡା(ଅମୃତ ମିଡିଆ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମ ଦିନ ଅବସର ରେ ସାରା ଭାରତ ବର୍ଷ ରେ 'ଏକ ପେଡ ମା କେ ନାମ '(୨.୦) ଅଭିଯାନ ଅଧୀନରେ ପାଳନ ହେଉଥିବା ବେଳେ ରାଜ୍ୟବ୍ୟାପି ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀ ରେ ଗଞ୍ଜାମ ଜିଲ୍ଲା କୋଦଳା ଓ ବେଗୁନିଆପଡା ରେ ମଧ୍ୟ ବିଭିନ୍ନ ସରକାରୀ /ବେସରକାରୀ ଶିକ୍ଷ୍ୟା ଅନୁଷ୍ଠାନ ସହିତ ବିଭିନ୍ନ କାର୍ଯ୍ୟାଳୟ ଓ ଧର୍ମାନୁଷ୍ଠାନ ଜାଗାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ କୋଦଳା ବିଜେ ବାବା ଶ୍ରୀ ଦଣ୍ଡିଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ ରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଏନଏସି ଅଧକ୍ଷ୍ୟ ସୂର୍ଯ୍ୟ



ନାରାୟଣ ନାୟକ, ଉପାଧକ୍ଷ୍ୟ ରଞ୍ଜିତା ସେଠୀ, କାଉନସିଲର,ଏନଏସି କର୍ମଚାରୀ, ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତ ରେ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ 'ଏକ ପେଡ ମା କେ ନାମ 'ଅଭିଯାନ ଏକ ଜନ ଆନ୍ଦୋଳନ ରେ ପରିଣତ ହୋଇଥିବା ବେଳେ ଏହି ବର୍ଷ ରାଜ୍ୟରେ ୭ କୋଟି ୫୦ ଲକ୍ଷ୍ୟ ଚାରା ରୋପଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକାଶ କରିଛନ୍ତି ବିଧାୟକ । ଏହି ଅଭିଯାନ କୁ ସଫଳ କରିବା ପାଇଁ ଧରିତ୍ରୀ ମା କୁ ସୁରକ୍ଷ୍ୟା ଓ ସମ୍ମାନ ଜଣାଇ ପ୍ରତ୍ୟକେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ଦେଇଛନ୍ତି ବିଧାୟକ ଶ୍ରୀ ନାୟକ । ସେହିପରି ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ, ପରିସରରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅଧକ୍ଷ୍ୟ ରଘୁନାଥ ମୁଦୁଲିଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମହାବିଦ୍ୟାଳୟ ର ୧୫୦ ରୁ ଅଧିକ ଛାତ୍ର ଛାତ୍ରୀ ଯୋଗଦେଇ ମହାବିଦ୍ୟାଳୟ ପରିସର ଏବଂ ପରିସର ବାହାରେ ୨୦୦ ରୁ ଅଧିକ ଚାରା ରୋପଣ କରିଥିଲେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଅଣ ଶିକ୍ଷକ ସହିତ କୋଦଳା ବିଜ୍ଞାପିତ ଅଂଚଳ ପରିଷଦ ର ପରିବେଶ ଅଧିକାରୀ ଚନ୍ଦ୍ରକାନ୍ତ ମାରାଣ୍ଡି ଯୋଗଦାନ କରିଥିଲେ, ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟ, ସ୍ୱର୍ଣ ମୟୀ ହାଇସ୍କୁଲ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ମଧ୍ୟ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ସୁସ୍ଥ ନାରୀ ସସକ୍ତ ପରିବାର କାର୍ଯ୍ୟକ୍ରମ

**ମାହାଙ୍ଗା(ଅମୃତ ମିଡିଆ):** ମାନ୍ୟବର ଯଶଶ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମ ଦିନ ଅବସରରେ ସୁସ୍ଥ ନାରୀ ସସକ୍ତ ପରିବାର କାର୍ଯ୍ୟକ୍ରମ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ,ଯୋଗ ଦେଇ ସୁସ୍ଥ ନାରୀ ସସକ୍ତ ପରିବାରର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନାରୀ ନେତ୍ରୀ ଜାଜ୍ଞସେନି ଜେନା, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଚିକିତ୍ସା ଅଧିକାରୀଣି ଡାକ୍ତର ତନୁସ୍ମିତା ବିନ୍ଧାଣୀ, ଡାକ୍ତର ଗ୍ରିଶା ମହାନ୍ତି, ଡାକ୍ତର ଅଜିତ୍ ସିଂହ, ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, କନକ ଲତା ବେହେରା, ଭକ୍ତ ଚରଣ ସ୍ୱାଇଁ,ମନୋରଞ୍ଜନ ନାୟକ, ମନୋରଞ୍ଜନ ବିଶ୍ୱାଳ, ମନୋଜ କୁମାର ନାଥ,ପ୍ରମୁଖ ଉପସ୍ଥିତ ଥିଲେ ।



## ସ୍ଥାୟୀ ବିଡିଓ ନିଯୁକ୍ତି ସହିତ ପୋଷାକ ଦୁର୍ନୀତିକୁ ନେଇ ବିଜେପି ମହିଳା ସଦସ୍ୟାଙ୍କ ଧାରଣା


**ବେଗୁନିଆପଡା(ଅମୃତ ମିଡିଆ):** ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ କରାଯାଉଥିବା ବେଳେ ବେଗୁନିଆପଡା ବ୍ଲକ ପରିସର ରେ ଖୋଦ ଭହକ୍ତ ମହିଳା ସଦସ୍ୟା ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ଘେରାଉ କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଦୀର୍ଘଦିନ ହେଲା ବେଗୁନିଆପଡା ବ୍ଲକ ରେ ବିଡ଼ିଓ ପଦବୀ ଖାଲି ରହିଛି । କୋଦଳା ତହସିଲଦାର ସସ୍ମିତା ଶତପଥି ବିଡ଼ିଓ ଦାୟିତ୍ୱରେ ଅଛନ୍ତି । ତହସିଲ କାର୍ଯ୍ୟ, ବିଡ଼ିଓ ଦାୟିତ୍ୱ ସାଙ୍ଗକୁ କୋଦଳା ସବ ରେଜିଷ୍ଟ୍ରର ଦାୟିତ୍ୱ ରେ ରହିଥିବା ଫଳରେ ବ୍ଲକ କାର୍ଯ୍ୟାଳୟ ରେ ସମୟ ଦେଉ ନାହାନ୍ତି । ତେଣୁ ସାଧାରଣ ଜନତା ଅଭିଯୋଗ କରିବାକୁ



ବ୍ଲକକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନିରାଶ ରେ ଫେରୁଛନ୍ତି । ଏଣୁ ସ୍ଥାୟୀ ବିଡ଼ିଓ ନିଯୁକ୍ତି କରାଯାଇ, ସ୍କୁଲ ପିଲାଙ୍କୁ ଡ୍ରେସ ଯୋଗାଣ ପାଇଁ ମହିଳା ସଂଘ କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସେଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରିବା ସହ କାହା ପ୍ରରୋଚନାରେ ଏହି ଅନିୟମିତତା କରାଯାଇଛି । ସବୁଠାରୁ ତୁରନ୍ତ ସମସ୍ତ ମହିଳା ସଂଘ କୁ ସମାନ ଭାବରେ ଡ୍ରେସ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଉ । ଏହି ଦାବି ନେଇ ବୁଧବାର ଦିନ ବିଜେପି ପତାକା ଧରି ପିଙ୍କି ପ୍ରଧାନ ଓ ଛାୟା ବେହେରାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାସହ ଏକ ଦାବିପତ୍ର ଭାରପ୍ରାପ୍ତ ବିଡ଼ିଓ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଏହାକୁ ନେଇ ଏହି ସଦସ୍ୟା ମାନେ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି ରେ ନିଜର ଦାବି ଜଣାଇଥିବା ବେଳେ ପୁଣି ୧୨/୦୯/୨୦୨୫ ରେ ଜିଲ୍ଲାପାଳଙ୍କ ନିକଟକୁ ପୁଣି ଦାବି ପତ୍ର ପଠାଇଥିବା ଜଣାପଡ଼ିଛି ।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ

**ବେଗୁନିଆପଡା(ଅମୃତ ମିଡିଆ):** ବିଶ୍ୱନିୟନ୍ତା, ବିଶ୍ୱ ଗଠନ ର ବିଦ୍ଧାଣି ବିଶ୍ୱକର୍ମାଙ୍କ ପୂଜାଉତ୍ସବ ଧୁମ ଧାମ ର ସହିତ ବେଗୁନିଆପଡା ଏବଂ କୋଦଳା ଏନଏସି ରେ ପାଳିତ ହେଉଛି । କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଠାରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି ,କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥଙ୍କ ନିର୍ଦ୍ଦେଶ ଅନୁଯାଇ ସ୍ୱଛତା ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡି ଙ୍କ ତତ୍ତ୍ୱାବଧାନ ରେ ଏନଏସି କର୍ମଚାରୀ, ସଫେଇ କର୍ମଚାରୀ, ସୁପଭାଇଜର, ସ୍ୱଚ୍ଛ ସାଥି, ସ୍ୱଚ୍ଛତା କର୍ମୀ ପ୍ରମୁଖ ଉପସ୍ଥିତ ରହି ସୁନ୍ଦର ସାଜ୍ୱସଜ୍ଜା ସହିତ ପ୍ରଭୁଙ୍କ ପୂଜା ଉତ୍ସବ ପାଳନ କରୁଥିବା ବେଳେ ବେଗୁନିଆପଡା ବ୍ଲକ ପରିସର ରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ,



ଏସ. ଛଟିନା, ନୂଆଗଡ଼, ନୁଆଁଗାଁ, ମର୍ଦ୍ଦକୋଟ, ସମେତ ବିଭନ୍ନ ଗ୍ରାମ ମାନଙ୍କ ରେ ମହାରଣା ମାନଙ୍କ ଗୁରୁ ଠାକୁର ବିଶ୍ୱକର୍ମାଙ୍କ ପୂଜା ମେଢ଼ ଶୋଭା ପାଉଛି ।